# Quad Senior Officials Meeting

August 12, 2021

## କ୍ୱାଡ୍ ବରିଷ୍ଠ ଅଧିକାରୀମାନଙ୍କ ବୈଠକ

**ଅଗଷ୍ଟ** 12, 2021

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗ, ଜାପାନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଆମେରିକାର ବୈଦେଶିକ ବିଭାଗର ବରିଷ୍ଠ ଅଧିକାରୀମାନେ ବିଚାର ବିମର୍ଷ ଜାରି ରଖିବା ପାଇଁ 12 ଅଗଷ୍ଟରେ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ କରିଥିଲେ। ଫେବୃଆରୀରେ କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ପରେ ମାର୍ଚ୍ଚ 2021 ରେ ଅନୁଷ୍ଠିତ ଐତିହାସିକ ପ୍ରଥମ ନେତୃବୃନ୍ଦଙ୍କ ଶିଖର ସମ୍ମିଳନୀରେ ଏକ ସକରାତ୍ମକ ଭିଜନ ଗୃହୀତ ହୋଇଥିଲା ଏବଂ ସମସାମୟିକ ଆହ୍ୱାନ ଉପରେ ସହଯୋଗକୁ ସୁଦୃଢ କରିବାକୁ ପ୍ରତିଶୃତି ଦିଆଯାଇଥିଲା।

ଏହି ବିଚାର ବିମର୍ଷରେ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ କୋଭିଡ-19ର ବ୍ୟାପକ ପ୍ରଭାବ ଏବଂ ମହାମାରୀକୁ ରୋକିବା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ମିଳିତ ପ୍ରୟାସର ଗୁରୁତ୍ୱ ଉପରେ ମତ ବିନିମୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସେମାନେ ଟିକା ଉତ୍ପାଦନ ବୃଦ୍ଧି ଏବଂ ସମାନ ଉପଲବ୍ଧତା ଲକ୍ଷ୍ୟ ନେଇ ନେତାମାନଙ୍କ ଦ୍ୱାରା ଘୋଷିତ ହୋଇଥିବା କ୍ୱାଡ୍ ଟିକା ପଦକ୍ଷେପର ଅଗ୍ରଗତିର ସମୀକ୍ଷା କରିଥିଲେ।

ଅଧିକାରୀମାନେ ପାରସ୍ପରିକ ଆଗ୍ରହର ବିଷୟ ଉପରେ ଆଲୋଚନା କରିଥିଲେ ଏବଂ ସ୍ଥାୟୀ ଯୋଗାଣ ଶୃଙ୍ଖଳା, ଉଦୀୟମାନ ତଥା ଜଟିଳ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା, ଆତଙ୍କବାଦର ମୁକାବିଲା, ଭିତ୍ତିଭୂମି ଏବଂ ସଂଯୋଗୀକରଣ, ଉଚ୍ଚଶିକ୍ଷା, ଜଳବାୟୁ ପରିବର୍ତ୍ତନ ଏବଂ ମାନବିକ ସହାୟତା ଏବଂ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ସହଯୋଗର ସମ୍ଭାବନା ବିଷୟରେ ଅନୁସନ୍ଧାନ କରିଥିଲେ।

ସେମାନଙ୍କର ସହଭାଗୀ ମୂଲ୍ୟବୋଧ ଏବଂ ନୀତିଗୁଡିକୁ ମନେ ପକାଇ ତଥା ଆନ୍ତର୍ଜାତିକ ନିୟମକୁ ସମ୍ମାନ ଦେଇ ଅଧିକାରୀମାନେ ଏକ ମୁକ୍ତ, ଖୋଲା, ସମୃଦ୍ଧ ତଥା ଅନ୍ତର୍ଭୁକ୍ତ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେମାନେ ଆସିଆନ କେନ୍ଦ୍ରୀୟତା, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ଉପରେ ଆସିଆନର ଦୂରଦୃଷ୍ଟି ଏବଂ ଆଞ୍ଚଳିକ ଢାଞ୍ଚାରେ ଆସିଆନ ଦ୍ୱାରା ପରିଚାଳିତ ମେକାନିଜିମ ପାଇଁ ସେମାନଙ୍କର ଦୃଢ ସମର୍ଥନକୁ ଦୋହରାଇଥିଲେ।

ଚଳିତ ବର୍ଷ ନିୟମିତ ବିଚାର ବିମର୍ଷ ଏବଂ ବୈଦେଶିକ ମନ୍ତ୍ରୀମାନଙ୍କ ପରବର୍ତ୍ତୀ ବୈଠକ ଜାରି ରଖିବାକୁ ଅଧିକାରୀମାନେ ଆଗ୍ରହ ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**

**ଅଗଷ୍ଟ** 12, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.